# ତୁଳନାର ତରାଜୁରେ :ବ୍ରଜନାଥ ରଥ ଓ ତସଲିମା ନାସରିନ

**ମାନସ କୁମାର ସେନାପତି**

ଗବେଷକ, ଓଡ଼ିଆ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**E-Mail:** manaskumarsenapati2@gmail.com

**Article No :** BB-I-IV-2025-07
**DOI No :** 10.64647/bb.vol.1.issue4.2025.7
**Review Status:** Double-Blind Peer Reviewed
**Language of the Article:** Odia
**Type of Article:** Research Article
**Submission Date :** 24-08-2025
**Publication Date :** 14-10-2025

**ସଂକ୍ଷିପ୍ତସାର:** Abstract

ସମ୍ପ୍ରଦାୟିକ ହିଂସା ବର୍ତ୍ତମାନ ବିଶ୍ୱରେ ସର୍ବବୃହତ ସମସ୍ୟା ଭାବରେ ଉଭା ହେଉଛି ଯାହା ମୈତ୍ରୀ ଓ ସଦଭାବନାକୁ ନଷ୍ଟ କରୁଛି। ଚିରାଚରିତ ପ୍ରଥା କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ ସତ୍ ସାହିତ୍ୟ ଓ ସାହିତ୍ୟିକଙ୍କର କର୍ତ୍ତବ୍ୟ ହେଲେ ମଧ୍ୟ ସାହିତ୍ୟ ମଧ୍ୟରେ ବିପ୍ଲବର ସ୍ୱରକୁ ସ୍ଥାନ ଖୁବ କମ ସ୍ରଷ୍ଟା ନିର୍ଭିକତାରସହ ଦେଇ ପାରିଥାନ୍ତି। ସାମ୍ପ୍ରତିକ ସମୟରେ ତୁଳାନତ୍ମକ ସାହିତ୍ୟର ଆବଶ୍ୟକତା ଏବଂ ଦୁଇ ଲେଖକ ଯଥା ଓଡ଼ିଆ ସାହିତ୍ୟର ଯଶସ୍ୱୀ କବି ବ୍ରଜନାଥ ରଥ ଏବଂ ବିଶ୍ୱ ସାହିତ୍ୟରେ ଚର୍ଚ୍ଚିତ ବିତର୍କିତ ବିବାଦିୟା ବାଂଲାଦେଶୀ ମୁସଲମାନ ଲେଖିକା ତାସଲିମା ନାସରିନଙ୍କ ସାହିତ୍ୟ ମଧ୍ୟରେ ଥିବା ମାର୍ମିକ ଓ ବିଷୟବସ୍ତୁ ଗତ ସାମଞ୍ଜସ୍ୟ ଓ ବିପ୍ଲବକୁ ସାରସ୍ୱତ ସମର୍ଥନ ଆଦି ଦର୍ଶାଇବା ପ୍ରବନ୍ଧର ଲକ୍ଷ୍ୟ।

**ମୂଳଶବ୍ଦ :** ବିପ୍ଲବ, ମୌଳବାଦ, ଶ୍ରେଣୀ ସଂଘର୍ଷ, ସାରସ୍ୱତ ସମ୍ପର୍କ ଓ ସମର୍ଥନ, କୁପ୍ରଥା ବିରୋଧ, ଦେଶ ବିଭଜନ, ସମ୍ପ୍ରଦାୟିକ ହିଂସା ।

ଓଡ଼ିଆ ସାହିତ୍ୟ ସୃଜନୀ ଜଗତର ଜଣେ ପ୍ରତିଭାବାନ କବି ତଥା ଜଣେ ସମୃଦ୍ଧିଶାଳୀ ସାହିତ୍ୟିକ ଭାବରେ କବି ବ୍ରଜନାଥରଥଙ୍କର ସ୍ଥାନ ସ୍ୱତନ୍ତ୍ର । ଓଡ଼ିଆ ପ୍ରଗତିଶୀଳ ଚେତନାର ଜଣେ ଅଗ୍ରାସାରଥୀ ଭାବରେ ମଧ୍ୟ ସେ ପାଠକ ମାନଙ୍କ ପାଖରେ ଘନିଷ୍ଠ ଭାବରେ ପରିଚିତ । କେବଳ ଜଣେ ସଫଳ କବି ନୁହନ୍ତି ବରଂ ଜଣେ ବୁଦ୍ଧିଜୀବୀ ତଥା ସମାଜ ସଂସ୍କାରକ ଭାବରେ ଓଡ଼ିଶାର ଯେକୌଣସି ସ୍ଥାନରେ କିଛି ଅସଙ୍ଗତି, ଅନ୍ୟାୟ, ଅତ୍ୟାଚାର, ଦୁରାଚାର, ଅସାମଞ୍ଜସ୍ୟ ଦେଖାଦେଇଛି ତାକୁ ବିରୋଧ କରି ତାଙ୍କର ଲେଖନୀରେ ସର୍ବଦା ପ୍ରତିକ୍ରିୟା ପ୍ରକାଶ ପାଇଆସିଥିଲା । ଏକ ଦୃଢ ସାମାଜିକ ପ୍ରତିବଦ୍ଧତାକୁ ନେଇ ଶ୍ରୀ ରଥଙ୍କର ସ୍ରଷ୍ଟା ମାନସ ବିଦ୍ରୋହର ରଣ ହୁଙ୍କାର ଦେଉଥିଲା । ତାଙ୍କର ୭୮ ବର୍ଷର ଜୀବନକାଳ ମଧ୍ୟରେ ଷାଠିଏ ବର୍ଷରୁ ଉର୍ଦ୍ଧ ସମୟ ତାଙ୍କର ସାରସ୍ୱତ ଯାତ୍ରାରେ ନିବେଦିତ । ଅସତ୍ୟ ଓ ଅନ୍ୟାୟ ଆଗରେ ମଥାନତ ନ କରି ସତ୍ୟ ଓ ସ୍ୱାଭିମାନର ପଥଚାରୀ ଭାବରେ ତାଙ୍କର ପ୍ରତ୍ୟେକ ସାହିତ୍ୟ କୃତିରେ ପାଦଚିହ୍ନ ବାରିହୁଏ । ବହୁଭାଷାର ଜଣେ ସହୃଦୟ ପାଠକ ଅନୁବାଦକ ଭାବରେ ମଧ୍ୟ ଖ୍ୟାତି ସୁଦୂର ପ୍ରସାରୀ ।

ଠିକ୍ ସେହିପରି ବିଶ୍ୱ ସାହିତ୍ୟରେ ଜଣେ ବିପ୍ଲବୀ ନାରୀ ଲେଖିକା ଭାବରେ ବାଂଲାଦେଶରେ ଜନ୍ମିତ ବିବାଦୀୟ ସ୍ରଷ୍ଟା ତସଲିମା ନାସରିନଙ୍କ ବିଦ୍ରୋହ, ଚେତନ ସ୍ତରରେ ସମାନ୍ତରାଳ ପରି ମନେହୁଏ । କବି ବ୍ରଜନାଥ ହିଁ ଯେତେବେଳେ ତସଲିମାଙ୍କ କବିତା ପୁସ୍ତକଙ୍କୁ ପ୍ରଥମେ ଓଡ଼ିଆ ଅନୁବାଦ କରି ଓଡ଼ିଶାର ପାଠକ ମହଲରେ ପରିଚିତ କରାଇଥିଲେ । ତେବେ ଜଣେ ସଚେତନ ପାଠକ ହିଁ ଠିକ୍ ବୁଝିପାରନ୍ତି ଯେ ଜଣେ ସୃଜନଶୀଳ ପ୍ରତିଷ୍ଠା ସମ୍ପନ୍ନ କବି ବ୍ରଜନାଥଙ୍କ ଚିନ୍ତନ ଓ ସାରସ୍ୱତ ସ୍ତରରେ ତସଲିମାଙ୍କ ଚିନ୍ତନ ସହ କିଭଳି ଥିଲା ଘନିଷ୍ଠ ସମ୍ପର୍କ । ତାହାର ଜ୍ୱଳନ୍ତ ଉଦାହରଣ ମଧ୍ୟ ରହିଛି କବି ତସଲିମାଙ୍କ ସାହିତ୍ୟକୁ ଅନୁବାଦ କରିବା ସହ ସ୍ୱତନ୍ତ୍ର ଭାବରେ ତସଲିମାଙ୍କ ନାମରେ, ତସଲିମାଙ୍କ ପାଇଁ କବିତା ମଧ୍ୟ ଲେଖିଛନ୍ତି । ତାହାଠାରୁ ବଳି ଜଣେ ଲେଖକର ଅନ୍ୟ ଲେଖକ ପ୍ରତି ବଡ ସମର୍ଥନ ବା କ'ଣ ହୋଇପାରେ (୨) । ତେବେ ଉଭୟ ବିପ୍ଲବୀ ଏହାକୁ ଅସ୍ୱୀକାର କରାଯାଇ ନପାରେ । ମାନବବାଦୀ ଜବକାଚରେ ନିରୀକ୍ଷଣ କଲେ ଦୁଇ ଲେଖକ ହୁଏତ ଏକା କଥା କହୁଥିବା ପରି ମନେ ହୁଅନ୍ତି । ମୁକ୍ତ ଚିନ୍ତନର ଲେଖକ ଭାବରେ ତାଙ୍କର ଲେଖାମାନଙ୍କରେ ସ୍ୱାଧୀନ ବାର୍ତ୍ତା ପ୍ରକାଶିତ । କୌଣସି ଆକଟ ପ୍ରତିବନ୍ଧକକୁ ନ ଡରି ସାହିତ୍ୟରେ ତୋଳିପାରିଛନ୍ତି ବିପ୍ଲବର ସ୍ୱର । ପ୍ରୟାସ କରିଛନ୍ତି ପୋଛିଦେବାପାଇଁ ସବୁ ମଣିଷଙ୍କ କପାଳରୁ ଅନ୍ୟାୟ, ଅବିଚାର, ଅସ୍ପୃଶ୍ୟତା, ଅସାମଞ୍ଜସ୍ୟତା, ଅନୀତି, ସାମାଜିକ ଓ ମାନସିକ ଶୋଷଣର ଭାଗ୍ୟରେଖାକୁ । ମଣିଷକୁ ମଣିଷ ପରି ବଞ୍ଚିବାର ସ୍ୱାଧୀନତା ଦେବା ପାଇଁ ଉଭୟ ସଚେତନ ସ୍ରଷ୍ଟା ପ୍ରତିକ୍ରିୟାଶୀଳ ହୋଇଛନ୍ତି।

**କବି ବ୍ରଜନାଥଙ୍କ କବିତା–** ମରୁ ଗୋଲାପ(୧୯୬୦), ନିଜସ୍ୱ ସଂଳାପ (୧୯୬୯), ମରୁ ଗୋଲାପ ଓ ଅନ୍ୟାନ୍ୟ କବିତା(୧୯୭୨), ନିଶବ୍ଦ ପ୍ରତିବାଦ (୧୯୭୭) ସଭ୍ୟତାର ମୁହଁ (୧୯୭୯),ମନର ମାନଚିତ୍ର (୧୯୮୩), ହେ ମହା ଜୀବନ (୧୯୯୧), ଲଘୁ ଶତକ(୧୯୯୩), ହେ ମୋର ସ୍ୱଦେଶ (୧୯୯୭), ସମୟର ଶବ୍ଦଲିପି(୨୦୦୭),ସାମାନ୍ୟ ଅସାମାନ୍ୟ (୨୦୦୭),ମିଳିତ କଣ୍ଠ (୨୦୧୨) ଆଦିରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ବିଦ୍ରୋହର ବହ୍ନି ଆତ୍ମ ପ୍ରକାଶ କରିଛି । ଠିକ୍ ସେହିପରି ବିଶ୍ୱ ସାହିତ୍ୟରେ ତସଲିମା ନାସରିନଙ୍କ ରଚିତ କବିତା ଓ ଗଦ୍ୟ କଷ୍ଟ ଆସେ ଝାମ୍ପି: ଜୀବନ ଦିଏ ମାପି, ନିର୍ବାସିତ ନାରୀର କବିତା, ଗଦ୍ୟ ରଚନା ଲଜ୍ଜା, ଶୋଧ, ଫେରା, ନିର୍ବାସିତ କଲାମ,ଉତ୍ତାଳ ପବନ, ନିଷିଦ୍ଧ, ଦୁଖଣ୍ଡିତ, ନିମନ୍ତ୍ରଣ, ବନ୍ଦିନୀ, ଔରତ୍ କେ ହକ୍ ମେ (ହିନ୍ଦୀ), ମୁଝେ ଘର୍ ଲେ ଚଲୋ (ହିନ୍ଦୀ), ଦୁଃଖିଆରୀ ଲଡକି(ହିନ୍ଦୀ),

ବ୍ରହ୍ମପୁତ୍ର କି ତଟ ପର(ହିନ୍ଦୀ), ଦୋ ଔରତ କା ପତ୍ର(ହିନ୍ଦୀ) ଆଦି ପ୍ରବନ୍ଧ, ଉପନ୍ୟାସ, ଆତ୍ମକଥା, କବିତା ମାଧ୍ୟମରେ ଲୋକ ହୃଦୟକୁ ତୀବ୍ର ଭାବରେ କରିପାରିଛନ୍ତି ଆନ୍ଦୋଳିତ । ତସଲିମାଙ୍କ ସୃଜନ ସମଗ୍ର ମଧ୍ୟରେ ମନୋନିବେଶ କଲେ ପାଠକର ସାଧାରଣ ଦୃଷ୍ଟିକୁ ଯେଉଁ ସ୍ଥୂଳ ବିଭାଗ ଗୁଡିକ ଆକର୍ଷଣୀୟ ବୋଧ ହୁଅନ୍ତି, ତନ୍ମଧ୍ୟରେ ପ୍ରାକ୍ ବିବାହ ଓ ବିବାହୋତ୍ତର ନାରୀର ସ୍ଥିତି ସମ୍ପର୍କରେ ଲେଖକୀୟ ଦୃଷ୍ଟିକୋଣ ବିମୁକ୍ତ ଓ ବିସ୍ଫୋରିତ । ବ୍ରଜନାଥଙ୍କ ସାହିତ୍ୟ ମଣିଷ ଓ ସମାଜ ପ୍ରତି ଦୃଷ୍ଟିଭଙ୍ଗୀ ବଦଳାଇ ଦେବାବେଳେ ନାସରିନଙ୍କ ସାହିତ୍ୟ ଅଧ୍ୟୟନରେ ପାଠକ ଯୁକ୍ତିନିଷ୍ଠ ସତ୍ୟ ଓ ବିଚକ୍ଷଣ ଦୃଷ୍ଟିଭଙ୍ଗୀର ଆଲୋକରେ ଉଦ୍ଭାସିତ ହେବେ । ଅବଶ୍ୟ ଭାଷାର ବ୍ୟବହାରଗତ ସଂଯମତା କ୍ଷେତ୍ରରେ ବ୍ରଜନାଥ ଖୁବ୍ ମାର୍ଜିତ ମନେ ହେଉଥିବା ବେଳେ ତସଲିମା ନାସରିନ ଅବ୍ରୁହିନ ଭାଷା ପ୍ରୟୋଗ କରିଛନ୍ତି । ତସଲିମା ନିର୍ବାସିତ ହୋଇ ବଞ୍ଚୁଥିବାବେଳେ କବି ବ୍ରଜନାଥ ମଧ୍ୟ ସ୍ୱରଚିତ କବିତା 'କୁକୁର ହେବା ସପକ୍ଷରେ' ରଚନା କରି ବିବାଦସ୍ପଦ ଅବସ୍ଥାରେ ଜେଲ୍ ଦ୍ୱାରସ୍ଥ ହୋଇଥିଲେ । ଜୀବନର ଗଭୀରତମ ବାସ୍ତବ ଉପଲବ୍ଧି, ମାଟି ପ୍ରୀତି, ସ୍ୱଦେଶ ପ୍ରୀତି, ସର୍ବଦା ନିଷ୍ଠୁର ଭେଜାଲ ଶୂନ୍ୟ ସତ୍ୟକୁ ସାଥିରେ ଧରି ଉଭୟେ ଖଣ୍ଡା ଧାରରେ ବାଟ ଚାଲିଛନ୍ତି । ବିପ୍ଳବ ଓ ମାନବିକତାର ଜୟଗାନର ଜବକାଚରେ ଉଭୟେ ସମାନ ମନ୍ତ୍ରରେ ଦୀକ୍ଷିତ ପରି ମନେ ହୁଅନ୍ତି । କବି ବ୍ରଜନାଥ ରଥ ତାଙ୍କର 'ହେ ମୋର ସ୍ୱଦେଶ' କବିତା ସଂକଳନରେ ତସଲିମାଙ୍କ ଉଦ୍ଦେଶ୍ୟରେ ଲେଖିଥିବା କବିତା 'ତସଲିମା' ର ପଂକ୍ତିଟିଏ ଉଦ୍ଧାର କଲେ ପାଠକେ ଦୁଇ କବିଙ୍କର ବିପ୍ଳବାତ୍ମକ ସ୍ୱରର ଉତ୍ତାପକୁ ନିଶ୍ଚୟ ଅନୁଭବ କରିବା ସହ ପରସ୍ପର ଥିବା ସମର୍ଥନକୁ ଜାଣିବେ -

"ଗୋଟିଏ ନୟନରେ
ଅଗ୍ନି ଜଳେ ତୁମ
ଆରେକ ଆଖି ତଳେ ଲୁହ
ନିଆଁର ପ୍ରଖରତା
ଲୁହର ବ୍ୟଥା ନେଇ
ଶାଣିତ ଦୃଷ୍ଟିରେ ନୂତନ ସୃଷ୍ଟିରେ
ଝଲସି ଉଠେ ତୁମ ମୁହଁ ।"
( ତସଲିମା, ହେ ମୋର ସ୍ୱଦେଶ, ବ୍ରଜନାଥ ରଥ )

ମୁକ୍ତ ଚିନ୍ତନ ଓ ସ୍ୱାଧୀନ ବକ୍ତବ୍ୟ ଯେ ବ୍ୟକ୍ତିର ମୌଳିକ ଅଧିକାର ସେ ଯେପରି ସେଥିରୁ ବଞ୍ଚିତ ନ ହେଉ ସେଥିପ୍ରତି ସଚେତନ ଭାବରେ ପ୍ରୟାସ କରିଛନ୍ତି ଦୁଇ ଲେଖକ । ବିବାଦ, ଫତୱାଜାରି (Fatwa), ନିଷିଦ୍ଧ ଘୋଷଣା, ନିର୍ବାସନ ଆଦି ଘଟଣା ତସଲିମାଙ୍କୁ ଘେରି ଦେଇଥିଲା ଯେତିକି ଚକ୍ରବିହ୍ୟୁରେ, ଅନୁରୂପ ଭାବରେ ତାଙ୍କର ସାହିତ୍ୟକୁ ମଧ୍ୟ କରିଥିଲା ପ୍ରଭାବଶାଳୀ । ସମାଲୋଚକଙ୍କ ମତରେ – "Nasreen become famous when her books were banned on Bangladesh and even in West Bengal, India. she argued that it was a violation of her right to free speech and went on to critique the censorship against her works as well as the 'fatwa' and other legal interventions against her.(୩) ତସଲିମା ନାସରିନ ନିଜର ଜୀବନକୁ ବିପନ୍ନ କରି ମଧ୍ୟ କଲମ ଚାଳନା ଏଯାବତ୍ ବନ୍ଦ କରିନାହାନ୍ତି । ସମ୍ବିଧାନ ସ୍ୱୀକୃତ ବ୍ୟକ୍ତିର ବାକ୍ ସ୍ୱାଧିନତାର ସୁରକ୍ଷା ଦେବା ପାଇଁ ତାଙ୍କର ଲେଖନୀ ସର୍ବଦା ପ୍ରଖର ହୋଇ ଉଠିଛି (୪) । ତାଙ୍କର ଯେଉଁ ସବୁ ତର୍କ ଏବଂ ଯୁକ୍ତି ପାଠକ ମହଲରେ ଗୋଟେ ଗୋଟେ ଅତିବାସ୍ତବ ସତ୍ୟକୁ ଉନ୍ମୋଚିତ କରାଏ ତାହା ବେଳେବେଳେ ଅସୁଖ ପାଠ୍ୟ ପରି ମଧ୍ୟ ଅନୁଭବ ହୁଏ । ଯଥା – ନାରୀ ପୁରୁଷର ପ୍ରତ୍ୟେକ ଅବସ୍ଥାର ବା କିଶୋର - କିଶୋରୀ, ଯୁବକ-ଯୁବତୀ, ପୌଢ଼-ପୌଢ଼ାଙ୍କର ଦେହ ସର୍ବସ୍ୱ ଆବେଗ, ଉତ୍କଣ୍ଠା, ପରିତୃପ୍ତି, ପ୍ରବୃତ୍ତି ଓ ବିକୃତିର ସ୍ୱରୂପ ଉଦ୍ଘାଟନ କରିବାରେ ସେ ନିଃସଂକୋଚ ଏବଂ ଅନାବୃତ୍ତ ଭାଷାର ବ୍ୟବହାର କରିବା ଟି ସବୁ ଶ୍ରେଣୀର ପାଠକ ପାଇଁ ଗ୍ରହଣୀୟ ହୋଇପାରିନାହିଁ ବୋଲି ସ୍ୱୀକାର କରାଯାଇପାରେ ।

ଶ୍ରୀ ରଥଙ୍କର ସର୍ଜନାବୃତ୍ତି ମୌଳିକ ଦୃଷ୍ଟିଭଙ୍ଗୀର ସୂତ୍ର ଓ ପ୍ରକାଶନ ଶୈଳୀ ପ୍ରାଞ୍ଜଳ, ବକ୍ତବ୍ୟର କଳାତ୍ମକ ଅନୁପାତ ବଜାୟ ରଖିବା ପାଇଁ ପ୍ରଯତ୍ନଶୀଳ ଥିବାବେଳେ ନାସରିନଙ୍କ କୃତିଗୁଡିକ ବାସ୍ତବତା ଜଡ ସହ ହେଲେ ମଧ୍ୟ କଳାତ୍ମକତା ଦୃଷ୍ଟିରୁ ସେତେ ମୂଲ୍ୟ ବହନ କରିପାରି ନାହିଁ । ହିନ୍ଦୀ ସାହିତ୍ୟର ବିଶିଷ୍ଟ ଗବେଷକ ମୋହନ କୃଷ୍ଣ ବୋହରା ତସଲିମାଙ୍କ ସାହିତ୍ୟ ସମ୍ପର୍କରେ କହନ୍ତି – "କୋଇ କୃତୀ ଜବ୍ ମାନବ ସମାଜ୍ ମେ ହଡକମ୍ପ ପୈଦା କରତି ହେ ଉସ୍ ସମୟ ଉସ୍ କି ସାହିତିୟକ୍ ମୂଲ୍ୟାଙ୍କନ୍ କି ବାତ୍ ଉଠାନା ପ୍ରାସଙ୍ଗିକ୍ ନେହିଁ ହୋତା, ଉଶେ ନୟେ ଶୋଚ୍ କି ଉସ୍ ଧାରା କୋ ଅବରୋଧ୍ କରନେ କି ପ୍ରୟାସ କେ ରୂପ୍ ମେ ଭି ଦେଖା ଯା ସକତା ହେ ଜିସେ ଆଲୋଚ୍ୟ କୃତୀନେ ପ୍ରବାହିତ କିୟା ହେ (୫) । ଭାଷାକୁ ବାଦ୍ ଦେଇ ଭାବ ବା ମର୍ମ ସ୍ତରରେ ବିଚାର କଲେ ଉଭୟ ସ୍ରଷ୍ଟା ନିଜ ନିଜ କୃତିତ୍ୱରେ ସଫଳ । "ନାସରିନଙ୍କ ସାହିତ୍ୟ ବ୍ୟକ୍ତିଗତ ଖେଦରୁ ଆରମ୍ଭ ହୋଇ ସାମାଜିକ ବିପ୍ଳବ ଦିଗରେ ଗତି କରୁଥିବା ବେଳେ ବ୍ରଜନାଥ ରଥଙ୍କ ସାହିତ୍ୟ ଥିଲା ଏକାନ୍ତ ସମାଜକେନ୍ଦ୍ରିକ ବୋଲି" ବିଶିଷ୍ଟ ଗବେଷକ ତଥା ସମାଲୋଚକ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ମତ ଦେଇଥାନ୍ତି । ନୋବେଲ ପୁରସ୍କାର ବିଜେତା ନାଟ୍ୟକାର ହାରୋଲ୍.ଡ୍ ପିଣ୍ଟର ତାଙ୍କର ନୋବେଲ୍ ଅଭିଭାଷଣରେ ଯାହା କହନ୍ତି କବି ବ୍ରଜନାଥ ଓ ତସଲିମାଙ୍କ ସାହିତ୍ୟର ଆଭିମୁଖ୍ୟ ସମ୍ପର୍କରେ ତାହା ପ୍ରାସଙ୍ଗିକ ଅନୁମିତ ହୁଏ । ସେ କହିଛନ୍ତି – ( ଅନୁବାଦ ) – "ମୁଁ ବିଶ୍ୱାସ କରେ, ଅନେକ ପ୍ରତିକୂଳତା ସତ୍ତ୍ୱେ ଭୟରେ ଶଙ୍କିତ ନହୋଇ ସମ୍ପୂର୍ଣ୍ଣ ସ୍ଥିର ଚିତ୍ତରେ ଦୁର୍ଦ୍ଦମନୀୟ ବୌଦ୍ଧିକ ସଂକଳ୍ପ ବଳରେ ଜାଗ୍ରତ ନାଗରିକ ଭାବେ ସତ୍ୟର ସଂଜ୍ଞା ନିରୂପଣ କରିବାକୁ ପଡିବ । ଏହା ଆମର ଏକ ସାମାଜିକ ଦାୟିତ୍ୱ । କୌଣସି ରାଜନୀତିକ ଭିତ୍ତିକୁ ଆଶ୍ରୟ କରି ସତ୍ୟସନ୍ଧ ହେବାପାଇଁ ମାନସିକ ଦୃଢତା ଜାତ ହୁଏ ନାହିଁ । ମନୁଷ୍ୟର ମର୍ଯ୍ୟାଦା ଅଧୁନା ନଷ୍ଟ ହୋଇଯାଇଛି । ତଥାପି ମାନବ ଜୀବନ ସମ୍ପର୍କରେ ଚରମ ସତ୍ୟର ସଂଜ୍ଞା ଦେବା ଆମ ପରି ସାହିତ୍ୟିକଙ୍କର କର୍ତ୍ତବ୍ୟ ।"(୬)

ମାନବିକ ସମ୍ବେଦନାର ଏକ ଗଭୀରତମ ପ୍ରଦେଶକୁ ସ୍ପର୍ଶ କରିଛନ୍ତି ଉଭୟ ସ୍ରଷ୍ଟା ବ୍ରଜନାଥ ଓ ତସଲିମା । ସମାଜର ବିଧି ବ୍ୟବସ୍ଥାରେ ଥିବା ଦୁର୍ବଳ ଦିଗକୁ କରିଛନ୍ତି ତର୍ଜନୀ ନିର୍ଦ୍ଦେଶ । ୧) ସ୍ୱଦେଶ ପ୍ରୀତି ୨) ଛଳନାପୂର୍ଣ୍ଣ ଭଣ୍ଡ ଧାର୍ମିକତାକୁ ବିରୋଧ ୩) ସାମ୍ପ୍ରଦାୟିକ ମୌଳବାଦକୁ ବିରୋଧ ୪) ଦେଶ ବିଭାଜନର କଳଙ୍କିତ ଅଧ୍ୟାୟ ୫) ନାରୀ ନିର୍ଯାତନା ଓ ସ୍ୱାଧୀନ ଭାରତ ୬) ନଦୀ ଓ ପ୍ରକୃତିକୁ ଆଧାର କରି ଭାବ ପ୍ରବଣତା ୭) ଐତିହାସିକ ପ୍ରମାଣିକତା ସହ ସଂଘର୍ଷର ପାଦଚିହ୍ନ ୮) ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ ୯) ଶାରୀରିକ ଓ ମାନସିକ ଶୋଷଣର ବାସ୍ତବ ଚିତ୍ର ୧୦) ଆଶା, ବିଶ୍ୱାସ ଓ ସମାଧାନର ସମ୍ଭାବନା ୧୧) ଯୁଦ୍ଧ ନୁହେଁ ଶାନ୍ତି, ହିଂସା ନୁହେଁ ସହୃଦୟତା ଆଦି ଉଭୟ ସ୍ରଷ୍ଟାଙ୍କର ଲେଖକୀୟ ଭାବବସ୍ତୁ(plot) ବୋଲି ଚିହ୍ନଟ କରାଯାଇପାରେ । କବି ବ୍ରଜନାଥ ରଥଙ୍କର 'ମନର

ମାନଚିତ୍ର' ସଂକଳନରୁ 'ମୁଁ ଚାଲିଯିବା ପରେ' କବିତା ଏବଂ କବି ତସଲିମାଙ୍କ କବିତା 'ମୁଁ ଫେରି ଆସିବି' ରେ (ଓଡ଼ିଆ ଅନୁବାଦ: ନିର୍ବାସିତ ନାରୀର କବିତା, ଯୁଗଳ କିଶୋର ଦତ୍ତ) ରହିଛି ଜଣେ ବିପ୍ଳବୀର ଆଶାବାଦୀତାର ପ୍ରକାଶର ଅଦ୍ଭୁତ ସାମଞ୍ଜସ୍ୟ ତାହା ଏହିପରି –

"ଜାଣିଛି ମୁଁ ହଜିବିନି, ହଜିବିନି କେବେ
ମହାକାଳ ଅରନ୍ଧ୍ର ଅନ୍ଧାରରେ
ଏହି ମହା-ଧରଣୀରେ
କେବେହେଲେ କିଛି କି ହଜଇ ?
x x x
ମୁଁ ଏଠାରୁ ଚାଲିଯିବା ପରେ
ଦିନେ ପୁଣି ଆସିବି ମୁଁ ଫେରି
ପ୍ରଭାତୀ ତାରାର ହସେ
ନିଳପଦ୍ମ ନୟନ ବିଳାସେ
ଶିଶୁର ଲଳିତ କଣ୍ଠେ
ଚଉଦିଗ ମୁଖରିତ କରି । (୭)

ତାହା ତସଲିମାଙ୍କ କବିତାରେ ମଧ୍ୟ ପ୍ରକାଶିତ ଯଥା –

"ମୋ ପାଇଁ ଅପେକ୍ଷା କର ମଧୁପୁର ନେତ୍ରକୋଣା
ଅପେକ୍ଷା କର ଜୟଦେବପୁରର ଚାରି ରାସ୍ତା
ମୁଁ ଫେରିବି ।
x x x
ବ୍ରହ୍ମପୁତ୍ର ଶୁଣ, ମୁଁ ଫେରିବି ।
ଶୁଣ ଶାଳବଣ ବିହାର, ମହାପ୍ରସ୍ଥାନ ଗତ
ସୀତାକୁଣ୍ଡ ପାହାଡ – ମୁଁ ଫେରିବି ।
ଯଦି ମଣିଷ ହୋଇ ନପାରିବି
ଚଢେଇ ହୋଇ ଫେରିଆସିବି ଦିନେ । (୮)

ନାନାବିଧ ସଂଘାତ ବିରୋଧ, ଜୀବନ ତମାମ ଯନ୍ତ୍ରଣା ଯେ ଭୋଗିଛନ୍ତି ଉଭୟ ସ୍ରଷ୍ଟା ତଥାପି ଆଶାର ଫୁଲଟିଏ ଯେ ବିକଶିତ ହୋଇ ଉଠିଛି ତାଙ୍କ କବିତାରେ ତାହାକୁ ନିଃସନ୍ଦେହରେ ଗ୍ରହଣ କରାଯାଇପାରେ । ଅଖଣ୍ଡ ଭାରତ ବର୍ଷ ବିଭାଜନ ହୋଇ ଖଣ୍ଡ ଖଣ୍ଡ ହେବା ପରେ ଦେଶ ଯେଉଁ ଦୁଃସ୍ଥିତିକୁ ସାମ୍ନା କରିଛି ସେଥିପ୍ରତି କବି ହୃଦୟ ସମବେଦନାରେ ଆଦ୍ର ହୋଇ ଉଠିଛି । କବି ବ୍ରଜନାଥ ଦେଶ ବିଭାଜନର କଳଙ୍କିତ ଅଧ୍ୟାୟକୁ 'ଭାରତର ମାନଚିତ୍ର' ( ହେ ମୋର ସ୍ୱଦେଶ ) 'ସ୍ୱପ୍ନର ଭାରତ ବର୍ଷ ; କ୍ରୁଶବିଦ୍ଧ ଦେଶ ( ହେ ମୋର ସ୍ୱଦେଶ ) ଆଦିରେ ପ୍ରକାଶ କରାଇଛନ୍ତି ।

କବି ରଥଙ୍କ ଭାଷାରେ –

"ଲକ୍ଷଲକ୍ଷ ରକ୍ତ ଦାଗ, କଳଙ୍କର ଛିଟା
ଜଳିଉଠେ ସେ ମାନଚିତ୍ରରେ
କୋଟି କୋଟି ନିରୀହ ଓ
ଅସହାୟ ମଣିଷର ସର୍ବାଗ୍ରାସୀ ଲେଲିହାନ ଚିତା । (୯)
( ରଥ, ଭାରତର ମାନଚିତ୍ର )

ତସଲିମାଙ୍କ କବିତାରେ 'ଭଙ୍ଗ ବଙ୍ଗଦେଶ' ର ଚିତ୍ର ସୁସ୍ପଷ୍ଟ –

"ଭଲ ପାଇବାର ଏହି ଦେଶଟିକୁ
ହଠାତ୍ ଯେମିତି କିଏ କରିଦେଲା ଦୁଇଗଡ
ଯେଉଁମାନେ କାଟି କାଟି ଦୁଇଗଡ କରିଦେଲେ
ସେମାନେ ଦେଶର
x x x
ଲଟେଇ ଯାଉଥିବା ସ୍ୱପ୍ନର ଲତାକୁ
କାଟିଦେଲେ ହଠାତ୍ ମୂଳରୁ,
ଏବଂ ଝିଙ୍କିଦେଲେ ଦେଶର ଓହଳ ।
x x x
ଦୁଇ ହାତ ମଧ୍ୟେ
ଠିଆ ହୋଇ ରହିଅଛି – ମଣିଷ ତିଆରି ଧର୍ମର
କଣ୍ଟା - ତାର ବାଡ । (୧୦)

ବିପ୍ଳବୀ ତସଲିମା କବି ବ୍ରଜନାଥ ରଥଙ୍କୁ ନିଜ ହସ୍ତାକ୍ଷରରେ ଚିଠିଟିଏ ଲେଖି କହିଥିଲେ – "ମୌଳବାଦ, ତାହା ଯେକୌଣସି ଧର୍ମରୁ ଉତ୍ପତ୍ତି ହେଉ ନା କାହିଁକି ମୁଁ ତା ବିରୁଦ୍ଧରେ ସଂଗ୍ରାମ କରିବାକୁ ସଙ୍କଳ୍ପବଦ୍ଧ । ପ୍ରତ୍ୟେକ ମଣିଷର ସକଳ ସମ୍ମାନ ଓ ମର୍ଯ୍ୟାଦା ସହ ବଞ୍ଚିବାର ନିଶ୍ଚୟତା ରହିବା ଉଚିତ" ।( ତସଲିମା ନାସରିନ, ୧୨-୧୨-୧୯୯୩ ) (୧୧) ଏହାଠାରୁ ବଡ଼ ପ୍ରାମାଣିକ ଦସ୍ତାବିଜ ଦୁଇ ଲେଖକଙ୍କର ସାରସ୍ୱତ ସାହିତ୍ୟିକ ସମର୍ଥନର ବା କ'ଣ ହୋଇପାରେ । କବି ବ୍ରଜନାଥ ଓଡ଼ିଶାର ବାଲେଶ୍ୱରରେ ଜଣେ ରକ୍ଷଣଶୀଳ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇ ମଧ୍ୟ ତସଲିମାଙ୍କ ସପକ୍ଷରେ ଯେଉଁ ସ୍ୱଷ୍ଟ ଯୁକ୍ତି ଉପସ୍ଥାପନ କରନ୍ତି ପାଠକ ସେଥିରୁ ତାଙ୍କର ମାର୍ମିକ ସମର୍ଥନକୁ ଅନୁଭବ କରିପାରିବେ ।

ତସଲିମାଙ୍କ କିଛି କବିତା ଏକାନ୍ତ ଦେହଧର୍ମୀ ବୋଲି କେହି କେହି ଅଭିଯୋଗ କରିଥାନ୍ତି । ଏହା କେତେଦୂର ସତ୍ୟ ତାହା ବିଚାର କରିବାର କଥା । ମୁଁ କହି ରଖେ ମୁଁ ଜଣେ ମାନବ ଦରଦୀ ପ୍ରଗତିଶୀଳ ସାହିତ୍ୟାଦର୍ଶରେ ବିଶ୍ୱାସୀ କବି । ମୁଁ ଅଶାଳୀନ ନଗ୍ନତା ଓ ଦେହବାଦିତାର ଘୋର ବିରୋଧୀ । କିନ୍ତୁ ତସଲିମାଙ୍କ ତଥାକଥିତ ଦେହ ଧର୍ମିତା ଭିତରେ ଯେଉଁ ପ୍ରଚ୍ଛନ୍ନ କାରୁଣ୍ୟ ରହିଛି, ଯେଉଁ ନିଃସଂଗତାବୋଧ ରହିଛି ତାହା ମୋତେ ତାଙ୍କ ପ୍ରତି ପ୍ରକୃତରେ ସହାନୁଭୂତିଶୀଳ କରିଛି । (୧୨) ଆହୁରି ମଧ୍ୟ କବି ବ୍ରଜନାଥ ସ୍ୱୀକାର କରିଛନ୍ତି ଯେ ତସଲିମାଙ୍କ କବିତାରେ ଯାହା ନଗ୍ନତା ବୋଲି ଜଣାଯାଏ ତା ଭିତରେ ରହିଛି ତାଙ୍କ ସନ୍ତୁଳିତ ଜୀବନର ମର୍ମଭେଦୀ ହା ହା କାର । ବ୍ୟକ୍ତିଗତ ଜୀବନ, ସାମାଜିକ ଜୀବନ, ଧର୍ମୀୟ ତଥା ରାଷ୍ଟ୍ରୀୟ ଜୀବନରେ ଆଜନ୍ମ ଯେଉଁ ମାନସିକ ଓ ଦୈହିକ ଯନ୍ତ୍ରଣା ଭୋଗିଛନ୍ତି ତାହାର ବଳିଷ୍ଠ କାବ୍ୟରୂପ ହିଁ କବିତା ହୋଇ ପ୍ରକାଶିତ ।

ବାସ୍ତବରେ ଉଭୟ ସ୍ରଷ୍ଟା ବିପ୍ଳବୀ ଓ ଉଭୟ ପରସ୍ପରର ଜଣେ ମୁଗ୍ଧ ପାଠକ । ସ୍ୱୀକାର କରିବାକୁ ହେବ ଯେ ଉଭୟ ବ୍ରଜନାଥ ରଥ ଓ ତସଲିମା ନାସରିନ ଆତ୍ମବିଶ୍ୱାସରେ ପୁଷ୍ଟ ଜଣେ ଜଣେ ପ୍ରଚଣ୍ଡ ବିଦ୍ରୋହୀ ଲେଖକ ଓ ଲେଖିକା, ପୁରୁଷତନ୍ତ୍ର ଓ ମୌଳବାଦ ବିରୋଧରେ, ଶ୍ରେଣୀ ସଂଘର୍ଷ ଆଦି ବିରୋଧରେ ଉଭୟେ କରିଛନ୍ତି ଜୀବନ୍ତ ପ୍ରତିବାଦ ।

**ସଙ୍କେତ ସୂଚୀ :**


୧. ମହାନ୍ତି, ସୁରେନ୍ଦ୍ର, ନୀଳଶୈଳ, ଚତୁର୍ଥ ସଂସ୍କରଣର ଭୂମିକା, ପ୍ରକାଶ, ୧୯୭୯

୨. ରଥ, ବ୍ରଜନାଥ। "'ତସଲିମା'" ହେ ମୋର ସ୍ୱଦେଶ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପ୍ରଥମ ପ୍ରକାଶ ୧୫ ଅଗଷ୍ଟ ୧୯୯୭, ପୃ. ୯୬

୩. Gupta, Anukrita. "Several Scripts, Several Scribes: The (Un)Making of Taslima Nasreen." Women's Link, vol. 25, no. 2, Apr.–June 2018, p. 41.

୪. Constitution of India. Art. 19 (1) (a).

୫. बोहरा, मोहनकृष्ण। तसलीमा संघर्स और साहित्य। बाणी प्रकासन, नयी दिल्ली, पृ. ४४३
୬. ମିଶ୍ର, ଦୁର୍ଗା ପ୍ରସନ୍ନ। "ନୋବେଲ ବିଜେତା ହାରୋଲଡ୍ ପିଣ୍ଟର ଓ ତାଙ୍କର ନୋବେଲ ଅଭିଭାଷଣ।" ବିଶ୍ୱ ସାହିତ୍ୟ: ସ୍ରଷ୍ଟା ଓ ସୃଷ୍ଟି, ସୁବର୍ଣ୍ଣ ଶ୍ରୀ ପ୍ରକାଶିନୀ, ୨୦୦୯
୭. ରଥ, ବ୍ରଜନାଥ। "ମୁଁ ଚାଲିଯିବା ପରେ" ମନର ମାନଚିତ୍ର, ଗ୍ରନ୍ଥ ମନ୍ଦିର, ବିନୋଦ ବିହାର, କଟକ, ପ୍ରଥମ ପ୍ରକାଶ ୧୯୮୫, ପୃ. ୯୫-୯୬
୮. ନାସରିନ, ତସଲିମା। ମୁଁ ଫେରି ଆସିବି ଅନୁ. ଯୁଗଳକିଶୋର ଦତ୍ତ, ତସଲିମା ନାସରିନ ନିର୍ବାସିତ ନାରୀ କବିତା, ସୁବର୍ଣ୍ଣ ଶ୍ରୀ ପ୍ରକାଶିନୀ, ବାଲେଶ୍ୱର, ପୃ. ୬
୯. ରଥ, ବ୍ରଜନାଥ। "'ଭାରତର ମାନଚିତ୍ର'।" ହେ ମୋର ସ୍ୱଦେଶ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପ୍ରଥମ ପ୍ରକାଶ ୧୯୯୭, ପୃ. ୮
୧୦. ନାସରିନ, ତସଲିମା। ଭଙ୍ଗ ବଙ୍ଗଦେଶ। ଅନୁ. ବ୍ରଜନାଥ ରଥ, ତସଲିମାଙ୍କ ଶ୍ରେଷ୍ଠ କବିତା, କାହାଣୀ ପ୍ରକାଶିନୀ, ପ୍ରଥମ ପ୍ରକାଶ ୧୯୯୪, ପୃ. ୧୩
୧୧. —. ପୃ. ୯
୧୨. —. ପୃ. ୮


«««

| | |
|---|---|
| **Funding Statement:** | This research received no external funding |
| **Conflict of Interest:** | No |
| **Plagiarism Test:** | Yes (DrillBit)<br>Similarity Index: 0 % |
| **Ethical Approval:** | Not applicable |
| **License:** | Tulānāra Tarājure: Brajanātha Ratha o Taslima Nasarin © 2025 by Manas Kumar Senapati is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/ |